# NATIONAL NEWS BULLETIN (ODIA)

## 18 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଜି-ସେଭେନ୍ ଶିଖର ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଙ୍କ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

– ସଫଳତାର ସହ କାନାଡ଼ା ଗସ୍ତ ଶେଷ କରି କ୍ରୋଏସିଆ ଅଭିମୁଖେ ଶ୍ରୀ ମୋଦୀଙ୍କ ଯାତ୍ରା ଆରମ୍ଭ ।

- ଏୟାର୍ ଇଣ୍ଡିଆ ଏବଂ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍‌ର ପରିଚାଳନା ନେଇ ଡିଜିସିଏର ସମୀକ୍ଷା ।
- ସ୍କାଏ-ଓ୍ୱାନ୍ ଏୟାର୍‌ୱେଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ହେଲିକପ୍ଟର ପରିବର୍ତ୍ତନ କରିବାକୁ ସିକ୍କିମ୍ ସରକାରଙ୍କ ନିଷ୍ପତ୍ତି ।
- ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ ମାଧ୍ୟମରେ ଦେଶରେ ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋ ସିଷ୍ଟମ ସୃଷ୍ଟି ହୋଇଛି, କହିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ସୂଚନା ।

# ପିଏମ୍-ବାଇଲେଟେରାଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ର ଏବଂ ମାନବତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ରାଷ୍ଟ୍ର ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କାନାନାସ୍କିସ୍ ଠାରେ ଜି-ସେଭେନ୍ ଶିଖର ସମ୍ମିଳନୀ ଅବସରରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଉଭୟ ଦେଶର ବହୁ କମ୍ପାନୀ ପାରସ୍ପରିକ କ୍ଷେତ୍ରରେ ନିବେଶ କରିଛନ୍ତି । କାନାଡ଼ା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିବାକୁ ଭାରତ ଆଶାବ୍ୟକ୍ତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM**

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବାଣିଜ୍ୟ, ଶକ୍ତି, ମହାକାଶ, ସ୍ୱଚ୍ଛ ଶକ୍ତି, ଖଣିଜ ପଦାର୍ଥ, ସାର ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅନେକ ସମ୍ଭାବନା ରହିଛି ।

ଶ୍ରୀ କାର୍ଣ୍ଣେ କହିଛନ୍ତି, ଜି-ସେଭେନ୍ ଶିଖର ସମ୍ମିଳନୀରେ ଭାରତର ନିୟମିତ ଅଂଶଗ୍ରହଣ ଉଭୟ ଦେଶ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁରୁତ୍ୱକୁ ପ୍ରତିପାଦନ କରୁଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜର୍ମାନୀ, ଫ୍ରାନ୍ସ, ମେକ୍ସିକୋ ଏବଂ ଦକ୍ଷିଣ କୋରିଆର ନିତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେଇଥିଲେ । ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା, ନିରନ୍ତର

ବିକାଶରେ ସହଭାଗିତା, ସବୁଜ ଶକ୍ତି, ପ୍ରଯୁକ୍ତି ବିଦ୍ୟା, ନବସୃଜନ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଶ୍ରୀ ମୋଦୀ ଏବଂ ଜର୍ମାନ ଚାନ୍‌ସେଲର ଫ୍ରେଡ୍ରିଚ୍ ମର୍ଜ୍‌ଙ୍କ ମଧ୍ୟରେ ମତବିନିମୟ ହୋଇଛି ।

ପ୍ରଥମଥର ପାଇଁ ଶ୍ରୀ ମୋଦୀ ଜି-ସେଭେନ୍ ଶିଖର ସମ୍ମିଳନୀ ଅବସରରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାଉନ୍ ପାର୍ଡୋଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ମେକ୍ସିକୋର ସମର୍ଥନ ପ୍ରଦାନ ନେଇ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜା ମ୍ୟୁଙ୍ଗ୍‌ଙ୍କ ସହ ଶ୍ରୀ ମୋଦୀ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ କରିଛନ୍ତି । ବାଣିଜ୍ୟ ଏବଂ ଅର୍ଥନୀତି, ସବୁଜ ହାଇଡ୍ରୋଜେନ୍, ପ୍ରଯୁକ୍ତିବିଦ୍ୟା, ଜାହାଜ ନିର୍ମାଣ ଏବଂ ସଂସ୍କୃତି କ୍ଷେତ୍ରରେ ସହଭାଗିତା ନେଇ ନୂତନ ମାର୍ଗ ଉନ୍ମୋଚନ ଉପରେ ଉଭୟ ନେତା ଆଲୋଚନା କରିଛନ୍ତି ।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଶ୍ରୀ ମୋଦୀ ଆଲୋଚନା କରିଥିବା ଜଣାପଡ଼ିଛି । ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍‌ଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ସମ୍ପର୍କ ଅଧିକ ମଜବୁତ ହେଉଛି । ଜାପାନ ପ୍ରଧାନମନ୍ତ୍ରୀ ସିଗେରୁ ଇସିବାଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବୈଠକ କରିଛନ୍ତି ।

ଏହି ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-ସେଭେନ୍ ଆଉଟ୍‌ରିଚ୍ ବୈଠକରେ ଯୋଗଦେଇଥିଲେ । ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏବଂ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା-ସିଲ୍‌ଭାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

କାନାଡ଼ା ଗସ୍ତକୁ ସଫଳତାର ସହ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୋଏସିଆ ଗସ୍ତରେ ଯାଇଛନ୍ତି ।

## ଡିଜିସିଏ ମିଟିଂ

ବେସାମରିକ ବିମାନ ଚଳାଚଳ ମହା-ନିର୍ଦ୍ଦେଶାଳୟ ଗତକାଲି ନୂଆଦିଲ୍ଲୀ ଠାରେ ଏୟାର୍ ଇଣ୍ଡିଆ ଏବଂ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍‌ର ପରିଚାଳନା ନେଇ ସମୀକ୍ଷା କରିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକରେ ଏୟାର୍ ଇଣ୍ଡିଆର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସମସ୍ୟା ନେଇ ମହା-ନିର୍ଦ୍ଦେଶାଳୟ ଚିନ୍ତାପ୍ରକଟ କରିଛି । ବୈଷୟିକ, ପରିଚାଳନା ଆଦି କ୍ଷେତ୍ରରେ ସମନ୍ୱୟକୁ ମଜବୁତ କରିବା ଏବଂ ଯାତ୍ରା ବିଳମ୍ବକୁ ହ୍ରାସ କରିବା ଲକ୍ଷ୍ୟରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଥିବା ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ କୁହାଯାଇଛି । ଇସ୍ରାଏଲ୍-ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଆକାଶପଥ ବନ୍ଦ ହୋଇଥିବା ପରିସ୍ଥିତି ନେଇ ବୈଠକରେ ମତ ବିନିମୟ ହୋଇଛି । ଯାତ୍ରୀ ଏବଂ କର୍ମଚାରୀଙ୍କ ସହିତ ସମୟୋପଯୋଗୀ ଯୋଗାଯୋଗ

ନିଶ୍ଚିତ କରିବା ଏବଂ ବିକଳ୍ପ ମାର୍ଗ ରଣନୀତି ଗ୍ରହଣ କରିବାକୁ ସେବା ପ୍ରଦାନକାରୀ ସଂସ୍ଥାକୁ ପରାମର୍ଶ ଦିଆଯାଇଛି । ମହା-ନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏୟାର୍ ଇଣ୍ଡିଆ ବିମାନ ଚଳାଚଳ ଏବଂ ରକ୍ଷଣାବେକ୍ଷଣ କ୍ଷେତ୍ରରେ ପ୍ରଚଳିତ ସୁରକ୍ଷା ମାନଦଣ୍ଡକୁ ଅନୁପାଳନ କରୁଥିବା ଜଣାପଡ଼ିଛି । ବ୍ୟବହୃତ ହେଉଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ଗତକାଲି ସୁଦ୍ଧା ୨୪ଟି ବିମାନର ସୁରକ୍ଷା ଯାଞ୍ଚ ସମାପ୍ତ ହୋଇଥିବା ମହାନିର୍ଦ୍ଦେଶାଳୟ କହିଛି ।

## ସିକ୍କିମ୍-ହେଲିକପ୍ଟର

ସ୍କାଏ-ୱ୍ୱାନ୍ ଏୟାର୍ ୱ୍ୱେଜ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବ୍ୟବହାର ହେଉଥିବା ୨୩ ଆସନ ବିଶିଷ୍ଟ ଏମ୍.ଆଇ.-୧୭୨ ହେଲିକପ୍ଟରକୁ ପରିବର୍ତ୍ତନ କରିବାକୁ ସିକ୍କିମ୍ ସରକାର ନିଷ୍ପତ୍ତି ନେଇଛନ୍ତି । ଅନ୍ୟ ବିମାନ ସେବା ଯୋଗାଣକାରୀ ସଂସ୍ଥାର ଛୋଟ ୧୦ ଆସନ ବିଶିଷ୍ଟ ବିମାନକୁ ଏହା ବଦଳରେ ଚଳାଚଳ କରିବାକୁ ପଦକ୍ଷେପ ନିଆଯାଇଛି । ଉଚ୍ଚ ପରିଚାଳନା ଖର୍ଚ୍ଚ ତଥା ଅନ୍ୟାନ୍ୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ସିକ୍କିମ୍ ସରକାରଙ୍କ ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସି.ଏସ୍. ରାଓ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତବର୍ଷ ମାର୍ଚ୍ଚ ୬ ତାରିଖରୁ ଏହି ୨୩ ଆସନ ବିଶିଷ୍ଟ ହେଲିକପ୍ଟରକୁ କାର୍ଯ୍ୟକ୍ଷମ କରାଯାଇଥିଲା । ତେବେ ପରିବର୍ଦ୍ଧିତ ପାଣିପାଗ ଏବଂ ପରିଚାଳନା ଅଭିଜ୍ଞତା ଯୋଗୁଁ ଏହା ଆଶାଜନକ ହୋଇପାରି ନାହିଁ ।

ଛୋଟ ବିମାନ ଗୁଡ଼ିକ ପର୍ଯ୍ୟଟକକୁ ସେବା ପ୍ରଦାନ କରିବାରେ ଅଧିକ ସହାୟକ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଅନୁପ୍ରିୟା ପଟେଲ୍-ଇଣ୍ଟରଭ୍ୟୁ

ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ ମାଧ୍ୟମରେ ଭାରତ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ଇକୋ ସିଷ୍ଟମ୍ ସୃଷ୍ଟି କରିବା ଦିଗରେ ଅଗ୍ରସର ହେଉଛି । ଆକାଶବାଣୀ ସମ୍ବାଦ ବିଭାଗକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଏହା କହିଛନ୍ତି । ସେ କହିଛନ୍ତି, ଏ ପର୍ଯ୍ୟନ୍ତ ୭୭ କୋଟି ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ଏବଂ ଆଭା ପରିଚୟପତ୍ର ପ୍ରଦାନ କରାଯାଇ ସାରିଛି ।

**V/O-Anupriya Patel**

ଏହି ପଡ଼କାଷ୍ଟ ସାକ୍ଷାତକାର ଆଜି ସନ୍ଧ୍ୟାରେ ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍‌ରେ ପ୍ରସାରଣ କରାଯିବ ।

## ଇରାନ୍-ଇସ୍ରାଏଲ୍ ୱାର୍

ଇସ୍ରାଏଲ୍ ଆକାଶମାର୍ଗ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲା ଅଲି ଖାମେନିଙ୍କ ଘନିଷ୍ଠ ପରାମର୍ଶଦାତା ତଥା ଇରାନ୍‌ର ଯୁଦ୍ଧ ସମୟର ସେନା ମୁଖ୍ୟ ଅଲି ସାଦମାନିଙ୍କ ମୃତ୍ୟୁ ହୋଇଛି । ଇସ୍ରାଏଲ୍ ସେନା ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ଇରାନ୍‌ରେ ଡିଜିଟାଲ୍ ଭିତ୍ତିଭୂମିକୁ କ୍ଷତିଗ୍ରସ୍ତ

କରିବା ଲକ୍ଷ୍ୟ ନେଇ ଇସ୍ରାଏଲ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଇରାନ୍‌ର ସାଇବର ସୁରକ୍ଷା କମାଣ୍ଡ ଅଭିଯୋଗ କରିଛି । ଏହାଦ୍ୱାରା ଅତ୍ୟାବଶ୍ୟକ ସେବା ବାଧାପ୍ରାପ୍ତ ହୋଇଛି ।

ଇରାନ୍‌ର ରାଷ୍ଟ୍ରୀୟ ସମ୍ବାଦସଂସ୍ଥା ଇର୍ଣ୍ଣା ଅନୁଯାୟୀ ପଶ୍ଚିମ ତେହେରାନ୍‌ରେ ଇସ୍ରାଏଲ୍ ପକ୍ଷରୁ କ୍ରମାଗତ ଆକ୍ରମଣ କରାଯାଇଛି । ଇରାନ୍‌ର ନବନିଯୁକ୍ତ ସେନା ମୁଖ୍ୟ ଏକ ବିବୃତ୍ତିରେ କହିଛନ୍ତି, ଇସ୍ରାଏଲ୍ ବିରୁଦ୍ଧରେ ଇରାନ୍ ଗ୍ରହଣ କରିଥିବା ପଦକ୍ଷେପ କେବଳ ଆକ୍ରମଣ ତଥା ପ୍ରତିରୋଧକ ବାର୍ତ୍ତା ପ୍ରଦାନ କରିଛି । ତେବେ ଏହାକୁ ଅଧିକ ତୀବ୍ର କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଏକ ଟେଲିଭିଜନ୍ ସାକ୍ଷାତକାରରେ ସୂଚନା ପ୍ରଦାନ କରିଛନ୍ତି । ଅନ୍ୟ ପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାନ୍‌କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଛନ୍ତି ।

ଇରାନ୍ ଏବଂ ଇସ୍ରାଏଲ୍ ଆକ୍ରମଣ ଓ ପ୍ରତିଆକ୍ରମଣରୁ ଦୂରେଇବା ପାଇଁ ଇଜିପ୍ଟ ଅନୁରୋଧ କରିଛି । ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଜାରି ରହିଲେ ଆଞ୍ଚଳିକ ଅସ୍ଥିରତା ବୃଦ୍ଧି ପାଇବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

## ହକି ମାଷ୍ଟର୍ସ କପ୍

ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଆଜିଠାରୁ ଚେନ୍ନାଇ ଠାରେ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି । ତାମିଲନାଡୁ ହକି ୟୁନିଟ୍

ପକ୍ଷରୁ ଏହି ୧୦ ଦିନିଆ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି । ପୁରୁଷ ବର୍ଗରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ମହିଳା ବର୍ଗରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ । ୧୨ ଜଣିଆ ଦଳକୁ ନେଇ ପୁରୁଷ ବର୍ଗରେ ଏବଂ ୮ ଜଣିଆ ଦଳକୁ ନେଇ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ମହିଳା ବର୍ଗରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ହିମାଚଳ ପ୍ରଦେଶ ଏବଂ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ପୁରୁଷ ବର୍ଗରେ ପଞ୍ଜାବ ଏବଂ ପୁଡୁଚେରୀ ପରସ୍ପରକୁ ଭେଟିବେ ।

## ଆଇଏମ୍‌ଡି-ଓ୍ୱେଦର

ମେଘାଳୟ, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ବିହାର, ଛତିଶଗଡ଼, କର୍ଣ୍ଣାଟକ ଉପକୂଳ, ଗୁଜରାଟ, କୋଙ୍କଣ, ଗୋଆ, ମଧ୍ୟମହାରାଷ୍ଟ୍ର ଏବଂ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରେ କେତେକ ଅଞ୍ଚଳରେ ଆଗାମୀ ତିନି ଦିନ ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।